ଜିଲ୍ଲା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ, ଯାଜପୁର

**<u>ଶିକ୍ଷା-ସହାୟକ ନିଯୁକ୍ତି ୨୦୧୬-୧୭ ସଂପର୍କୀତ ସୂଚନା</u>**

ବିଜ୍ଞାପନ ସଂଖ୍ୟା ....୮୨..../ ତାରିଖ ୧୮.୦୧.୨୦୧୮

ଏତଦ୍ୱାରା ୨୦୧୬-୧୭ ବର୍ଷରେ ଶିକ୍ଷା-ସହାୟକ ନିଯୁକ୍ତି ନିମନ୍ତେ ଯାଜପୁର ଜିଲ୍ଲାକୁ ପ୍ରଥମ ପସନ୍ଦ ଭାବରେ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରାଧିକରଣ କର୍ତ୍ତୃପକ୍ଷ (ଓପେପା) ଙ୍କ ନିର୍ଦ୍ଦେଶ ଅନୁଯାୟୀ ସଂପୃକ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କର ସମସ୍ତ ମୂଳ ପ୍ରମାଣପତ୍ର ଗୁଡିକୁ ନିମ୍ନ କାର୍ଯ୍ୟସୁଚୀ ଅନୁଯାୟୀ ଯାଂଚ କରାଯିବ ।

ତେଣୁ ସଂପୃକ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ମାନେ ସେମାନଙ୍କର ସମସ୍ତ ମୂଳ ପ୍ରମାଣପତ୍ର ଯଥା- (୧) ଏଚ୍.ଏସ୍.ସି, (୨) ଯୁକ୍ତ ଦୁଇ , (୩) ଯୁକ୍ତ ତିନି, (୪) ସି.ଟି, (୫) ବି. ଇଡି, (୬) ଓ.ଟି.ଇ.ଟି ଇତ୍ୟାଦି ସମସ୍ତ ଶିକ୍ଷାଗତ ଯୋଗ୍ୟତାର ସାର୍ଟିଫିକେଟ ଓ ମାର୍କସିଟ୍, (୭) ଭିନ୍ନକ୍ଷମ ପ୍ରମାଣପତ୍ର, (୮) ଆବାସିକ ପ୍ରମାଣପତ୍ର, (୯) ଜାତିଗତ ପ୍ରମାଣ ପତ୍ର, (୧୦) କର୍ମ ନିଯୋଜନ କାର୍ଯ୍ୟାଳୟ ପ୍ରମାଣପତ୍ର, (୧୧) ରାଜ୍ୟ ବାହାରୁ ହାସଲ କରିଥିବା ଶିକ୍ଷାଗତ ଯୋଗ୍ୟତା ପାଇଁ ଆବଶ୍ୟକ ସଂପୃକ୍ତ ବୋର୍ଡ ବା ବିଶ୍ୱବିଦ୍ୟାଳୟର ସମତୁଲ୍ୟତା ପ୍ରମାଣପତ୍ର ଏବଂ (୧୨) ନିଜର ଦୁଇଗୋଟି ପାସପୋର୍ଟ ଆକାରର ଫଟୋ ଇତ୍ୟାଦି ସହିତ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ଉପସ୍ଥିତ ହେବାପାଇଁ ସୂଚନା ପ୍ରଦାନ କରାଗଲା ।

**<u>ଯାଂଚ ପ୍ରକ୍ରିୟାର କାର୍ଯ୍ୟସୂଚୀ</u>**

| ତାରିଖ/ଦିବସ | କେଉ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଯାଂଚ କାର୍ଯ୍ୟ କରାଯିବ | ଯାଂଚ କାର୍ଯ୍ୟକ୍ରମର ସ୍ଥାନ ଓ ସମୟ |
|---|---|---|
| ୨୪-୦୧-୨୦୧୮ | +୨ ବିଜ୍ଞାନ-ସି.ଟି ବର୍ଗ ଓ ଉର୍ଦ୍ଧ୍ବ ସି.ଟି ବର୍ଗ (୪୮୯) | **ବୈଦ୍ୟରାଜପୁର ନୋଡାଲ ଉ.ପ୍ରା ବିଦ୍ୟାଳୟ , ସା/ପୋ- ବୈଦ୍ୟରାଜପୁର, ଜିଲ୍ଲା- ଯାଜପୁର ( ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ସର୍ବଶିକ୍ଷା ଅଭିଯାନ, ଯାଜପୁର ନିକଟରେ) ସକାଳ ୧୦ଟାରୁ ଅପରାହ୍ନ ୫ ଟା** |
| ୨୭-୦୧-୨୦୧୮ | +୨ କଳା-ସି.ଟି ବର୍ଗ (୪୯୦) | |
| ୨୯-୦୧-୨୦୧୮ | +୩ ବିଜ୍ଞାନ-ବି,ଇଡି. ବର୍ଗ (୪୦୧) | |
| ୩୦-୦୧-୨୦୧୮ | +୩ କଳା ବି.ଇଡି. ବର୍ଗ (୪୭୭) | |

୧- ଯାଂଚ ସମୟରେ ପ୍ରାର୍ଥୀ/ପ୍ରାର୍ଥିନୀ ମାନେ ୱେବ୍ ସାଇଟ୍‌ରୁ ଡାଉନଲୋଡ୍ କରିଥିବା ନିଜର ମୂଳ ଆବେଦନ ପତ୍ରର ନକଲ ସହିତ ନିଜର ଦୁଇଗୋଟି ଫଟୋ, ଏବଂ କ୍ରମାନ୍ୱୟରେ ଉପରୋକ୍ତ ସମସ୍ତ ପ୍ରମାଣପତ୍ର ଗୁଡିକର ଏକକିତା ସ୍ୱ-ସହି ( **Self Attested**) ନକଲ ସଂଯୋଗ ପୂର୍ବକ ପ୍ରଦାନ କରିବେ ।

୨- ଯାଂଚ ସମୟରେ ଅସଂପୂର୍ଣ୍ଣ ଥିବା ଆବେଦନ ପତ୍ର ଅଥବା ତ୍ରୁଟିପୂର୍ଣ୍ଣ ପ୍ରମାଣପତ୍ର ଗୁଡିକୁ ବିଚାରକୁ ନିଆଯିବନାହିଁ । ସେହିପରି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ରେ ଅନୁପସ୍ଥିତ ରହିଲେ ସଂପୃକ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଆବେଦନ ପତ୍ରକୁ ନିଯୁକ୍ତି ପ୍ରକ୍ରିୟାରୁ ସଂପୂର୍ଣ୍ଣ ବାଦ୍ ଦିଆଯିବ ।

ଜିଲ୍ଲାପାଳ, ଯାଜପୁର ଙ୍କ ନିର୍ଦ୍ଦେଶକ୍ରମେ

ବିଷ୍ଣୁ ଚରଣ ସୂତାର ୧୮.୦୧.୨୦୧୮

ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ, ଯାଜପୁର

ପରିପତ୍ର ସଂଖ୍ୟା-....୮୮..../ ତା-....୧୮.୦୧.୨୦୧୮....ରିଖ

ଏହାର ଏକକିତା ନକଲ ଶ୍ରୀଯୁକ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓପେପା ମହୋଦୟଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଗଲା । ଶ୍ରୀଯୁକ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସବିନୟ ଅନୁରୋଧ, ଉକ୍ତ ସୂଚନା ପତ୍ରଟିକୁ ଦୟାକରି ସମସ୍ତଙ୍କ ଅବଗତି ନିମନ୍ତେ ଓପେପା ୱେବ୍ ସାଇଟ୍ ରେ ଅପଲୋଡ୍ କରିବା ହେବେ ।

ବିଷ୍ଣୁ ଚରଣ ସୂତାର ୧୮/୦୧/୨୦୧୮

ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ, ଯାଜପୁର

ପରିପତ୍ର ସଂଖ୍ୟା-...୯୮.../ ତା-...୧୮.୦୧.୨୦୧୮...ରିଖ

ଏହାର ଏକକିତା ନକଲ ଶ୍ରୀଯୁକ୍ତ ଜିଲ୍ଲା ସୂଚନା ଅଧିକାରୀ ( NIC) ଯାଜପୁର ମହୋଦୟଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଗଲା । ମହାଶୟଙ୍କୁ ସବିନୟ ଅନୁରୋଧ, ଉକ୍ତ ସୂଚନା ପତ୍ରଟିକୁ ଦୟାକରି ସମସ୍ତଙ୍କ ଅବଗତି ନିମନ୍ତେ ଜିଲ୍ଲା ଓ୍ୱେବ୍ ସାଇଟ୍ ରେ ଅପ୍‌ଲୋଡ୍ କରିବା ହେବେ ।

ବିଷ୍ଣୁ ଚରଣ ସୂତାର
୧୮/୦୧/୨୦୧୮
ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ, ଯାଜପୁର

ପରିପତ୍ର ସଂଖ୍ୟା-...୧୦୦.../ ତା-...୧୮.୦୧.୨୦୧୮...ରିଖ

ଏହାର ଏକକିତା ନକଲ ଶ୍ରୀଯୁକ୍ତ ଉପ-ଜିଲ୍ଲାପାଳ, ଯାଜପୁର ମହୋଦୟଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଗଲା । ଶ୍ରୀଯୁକ୍ତ ଉପ-ଜିଲ୍ଲାପାଳ, ଯାଜପୁରଙ୍କୁ ସବିନୟ ଅନୁରୋଧ, ଉକ୍ତ ଯାଂଚ ପ୍ରକ୍ରିୟାରେ ପ୍ରତ୍ୟହ ବିଭିନ୍ନ ଜିଲ୍ଲାରୁ ୫୦୦ରୁ ଅଧିକ ବ୍ୟକ୍ତିବିଶେଷ ଉପସ୍ଥିତ ହେବା କାରଣରୁ ଆବଶ୍ୟକ ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ବିହିତ ପଦେକ୍ଷପ ଗ୍ରହଣ ନିମନ୍ତେ ଯାଜପୁର ଥାନାଧିକାରୀ ମହୋଦୟଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବା ହେବେ ।

ବିଷ୍ଣୁ ଚରଣ ସୂତାର
୧୮/୦୧/୨୦୧୮
ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ, ଯାଜପୁର

ପରିପତ୍ର ସଂଖ୍ୟା-...୧୦୧.../ ତା-...୧୮.୦୧.୨୦୧୮...ରିଖ

ଏହାର ଏକକିତା ନକଲ ଶ୍ରୀଯୁକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଯାଜପୁର ମହୋଦୟଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଗଲା । ଶ୍ରୀଯୁକ୍ତ ଜିଲ୍ଲା ଶିକ୍ଷାଧିକାରୀ ମହୋଦୟଙ୍କୁ ସବିନୟ ଅନୁରୋଧ, ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆମ୍ଭମାନଙ୍କୁ ଆବଶ୍ୟକ ପରାମର୍ଶ ସହିତ ଉସାହିତ କରିବା ହେବେ ।

ବିଷ୍ଣୁ ଚରଣ ସୂତାର
୧୮/୦୧/୨୦୧୮
ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ, ଯାଜପୁର

ପରିପତ୍ର ସଂଖ୍ୟା-...୧୦୨.../ ତା-...୧୮.୦୧.୨୦୧୮...ରିଖ

ଏହାର ଏକକିତା ନକଲ ଯାଜପୁର ଜିଲ୍ଲାର ସମସ୍ତ ମଣ୍ଡଳ ଶିକ୍ଷାଅଧିକାରୀ/ଅଧିକାରିଣୀ ମାନଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଗଲା । ସଂପୃକ୍ତ ମଣ୍ଡଳ ଶିକ୍ଷାଅଧିକାରୀ/ଅଧିକାରିଣୀ ମାନଙ୍କୁ ଅନୁରୋଧ, ଯେଉଁ ସହ-ଶିକ୍ଷାଧିକାରୀ / ସି.ଆର.ସି/ ସହକାରୀ ଶିକ୍ଷକଙ୍କୁ ଯାଂଚ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଅଛି ସେମାନଙ୍କୁ ଅବଗତ କରାଇବା ସହିତ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିବା ହେବେ । ସଂପୃକ୍ତ ସହ-ଶିକ୍ଷାଧିକାରୀ / ସି.ଆର.ସି/ ସହକାରୀ ଶିକ୍ଷକଙ୍କ ନାମ ଓ କାର୍ଯ୍ୟସୂଚୀ ଏଥିସହିତ ସଂଲଗ୍ନ କରାଗଲା ।

ବିଷ୍ଣୁ ଚରଣ ସୂତାର
୧୮/୦୧/୨୦୧୮
ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ, ଯାଜପୁର

ପରିପତ୍ର ସଂଖ୍ୟା-...୧୦୩.../ ତା-...୧୮.୦୧.୨୦୧୮...ରିଖ

ଏହାର ଏକକିତା ନକଲ ପ୍ରଧାନ ଶିକ୍ଷୟତ୍ରୀ, ବୈଦ୍ୟରାଜପୁର ନୋଡାଲ ଉ.ପ୍ରା ବିଦ୍ୟାଳୟଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଗଲା । ମହାଶୟାଙ୍କୁ ଅନୁରୋଧ, ଉପରୋକ୍ତ ଯାଂଚ ପ୍ରକିୟାରେ ୧୨ ଜଣ ଯାଂଚ ଅଧିକାରୀଙ୍କୁ ନେଇ ୬ ଟି କାଉଂଟର ସୁପରିଚାଳନା ନିମନ୍ତେ ବିଦ୍ୟାଳୟ ପରିସରରେ ଆବଶ୍ୟକ ବନ୍ଦୋବସ୍ତ କରିବା ହେବେ ।

ବିଷ୍ଣୁ ଚରଣ ସୂତାର
୧୮/୦୧/୨୦୧୮
ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ, ଯାଜପୁର